# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 01st December - 2025
**********************************

***BBSR/R***

## ଏମ୍.ଏସ୍.ଏମ୍.ଇ.

ଓଡ଼ିଶା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ଔଦ୍ୟୋଗିକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ରେଳସଦନଠାରେ ଆୟୋଜିତ ଓଡ଼ିଶ ଶିଳ୍ପ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶା ପୂର୍ବଭାରତର ଏମ୍.ଏସ୍.ଏମ୍.ଇ. ପ୍ରବେଶ ପଥ ହେବ । ସାଢ଼େ ୪ କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବାପାଇଁ ସରକାର ପ୍ରତିବଦ୍ଧତାର ସହ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :..........

***Desk***

## ସଂସଦ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଏହି ଅଧିବେଶନରେ

ବିଧାନସଭା ଏବଂ ଅନ୍ୟାନ୍ୟ ୧୪ଟି ଅସ୍ଥାୟୀ ପ୍ରସଙ୍ଗ ଉପରେ ବିଚାର ଆଲୋଚନା କରାଯିବ। ଗୃହର ନିୟମ ଅନୁଯାୟୀ ଅନ୍ୟ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶୀତକାଳୀନ ଅଧିବେଶନରେ ୧୫ଟି କାର୍ଯ୍ୟଦିବସ ରହିଛି।

***Desk***

## ମନରେଗା ସହାୟତା

ଶ୍ରମିକ ସ୍ଥାନାନ୍ତରଣ ରୋକିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାପାଇଁ ରାଜ୍ୟ ସରକାର ମନରେଗା ଯୋଜନାରେ ସ୍ୱତନ୍ତ୍ର ସହାୟତାକୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ୯ଟି ଜିଲ୍ଲାର ୫ ଲକ୍ଷ ୫୭ ହଜାର ପରିବାର ଉପକୃତ ହେବେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କୁ ୩୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇଦେବା ସହ ବର୍ଦ୍ଧିତ ମଜୁରି ପ୍ରଦାନ କରାଯିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

## ନଡ୍ଡା - ଏଡ୍ସ ଦିବସ

ଏଡ୍ସକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ବ୍ୟାଘାତ

ଅତିକ୍ରମ କରିବା ସହ ଏଡ୍‌ସ୍‌ର ମୂଳପୋଛ ପାଇଁ ଉଦ୍ୟମ କରିବାକୁ ଆଗେଇ ଆସିବା ।’ ଏହି ପରିପ୍ରେକ୍ଷୀରେ ସଚେତନ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ବିଶ୍ୱ ଏଡ୍‌ସ ଦିବସ-୨୦୨୫ର ଜାତୀୟସ୍ତରୀୟ ପାଳନର ନେତୃତ୍ୱ ନେବେ । ଏଚ୍.ଆଇ.ଭି.ର ପ୍ରତିକାରମୂଳକ ଚିକିତ୍ସା, ଯତ୍ନ, ଏବଂ ରୋଗ ପ୍ରତି ଭ୍ରାନ୍ତ ଧାରଣା ଦୂରୀକରଣ ଦିଗରେ ଜାତୀୟ ସ୍ତରରେ ଉନ୍ନତ ବ୍ୟବସ୍ଥା କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଇବା ଏହି ଦିବସ ପାଳନର ଲକ୍ଷ୍ୟ ରହିଛି ।

***Desk***

# ବାଲୁକା କଳା ଉତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ପାଞ୍ଚଦିନ ବ୍ୟାପୀ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକମାନେ ବାଲୁକା କଳା ମହୋତ୍ସବରେ ଯୋଗଦେବେ । ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଷ୍ଟଲରେ

ଶତାଧିକ ଶିଳ୍ପୀ ସେମାନଙ୍କର ବାଲୁକା କଳା ପ୍ରଦର୍ଶନ କରିବେ। ଏଥିସହ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ମଧ୍ୟ ଅନୁଷ୍ଠିତ ହେବ।

***Ganjam/R***

# ଧାନ ସଂଗ୍ରହ

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୩ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବ । ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ଚାଷୀମାନଙ୍କୁ ମଣ୍ଡିରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ଆଲୋଚନା ହୋଇଛି । ପଞ୍ଜିକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ ଯେଭଳି ସୁରୁଖୁରୁରେ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବାରୁ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ଭିନ୍ନକ୍ଷମ ଦିବସ

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରୁ ଏକ ପଦଯାତ୍ରା ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେବେ ।

*Desk*

# ଟି-ଟ୍ୱେଣ୍ଟି ଟିକେଟ୍ ବିକ୍ରି

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-ଟ୍ୱେଣ୍ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ଆଜିଠାରୁ ଅନଲାଇନ୍‌ରେ ଟିକେଟ୍ ବିକ୍ରି ହେବ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ – 'ଓସିଏ' ପକ୍ଷରୁ ସୂଚନା ମିଳିଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ୫ ତାରିଖରୁ ଅଫଲାଇନ୍‌ରେ ଟିକେଟ୍ ବିକ୍ରି ହେବ। ଅନଲାଇନ୍‌ରେ ୨ ହଜାର ଏବଂ କାଉଣ୍ଟର୍‌ରେ ୧୦ ହଜାର ଟିକେଟ ବିକ୍ରି କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରଭାବ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନ ଥିବାବେଳେ ୪ ଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ଦାରିଙ୍ଗିବାଡ଼ିଠାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

*****